# NATIONAL NEWS BULLETIN (ODIA)

## 20 June - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଆଜିଠାରୁ ଦୁଇଦିନିଆ ଜାମ୍ମୁ କାଶ୍ମୀର ଗସ୍ତ ଆରମ୍ଭ ।

– ଶ୍ରୀନଗରଠାରେ ଆସନ୍ତାକାଲି ଦଶମ ଆନ୍ତର୍ଜାତିକ ଯୋଗଦିବସ ପାଳନର ନେବେ ନେତୃତ୍ୱ ।

- ନିଟ୍ ୟୁ.ଜି. ୨୦୨୪ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଦେଶର ବିଭିନ୍ନ ହାଇକୋର୍ଟରେ ଆଗତ ମାମଲା ଗୁଡ଼ିକର ଶୁଣାଣି ଉପରେ ସୁପ୍ରିମ୍‌କୋର୍ଟ ଜାରି କଲେ ଅନ୍ତରିଣ ରହିତାଦେଶ ।

- ଶେଷ ହେଲା ସପ୍ତଦଶ ଓଡ଼ିଶା ବିଧାନସଭାର ତିନି ଦିନିଆ ବୈଠକ ।

– ଶାସକ ବିଜେପିର ସଦସ୍ୟ ସୁରମା ପାଢ଼ି ବାଚସ୍ପତି ଭାବେ ନେଲେ ଦାୟିତ୍ୱ ।

- ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଆସନ୍ତାକାଲିଠାରୁ ଦୁଇଦିନିଆ ଭାରତ ଗସ୍ତ ।

ଏବଂ

- ଆଇସିସି ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ର ପ୍ରତିଯୋଗିତାର ଆଜି ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ମୁକାବିଲା ।

# ପିଏମ୍-ଯୋଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଦୁଇଦିନିଆ ଜାମ୍ମୁ କାଶ୍ମୀର ଗସ୍ତରେ ଯାଇଛନ୍ତି । ଏହି ଗସ୍ତ ଅବସରରେ ସେଠାରେ ୧ହଜାର ୫୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୮୪ଟି ବୃହତ କଲ୍ୟାଣ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ । ଶ୍ରୀନଗରଠାରେ 'ଯୁବ ସଶକ୍ତିକରଣ, ଜାମ୍ମୁ କାଶ୍ମୀର ପରିବର୍ତ୍ତନ' କାର୍ଯ୍ୟକ୍ରମରେ ଆଜି ଯୋଗ ଦେଉଛନ୍ତି । ସେଠାରେ ସେ ୨ହଜାରରୁ ଅଧିକ ଯୁବ ଗୋଷ୍ଠୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ । ଏଥିସହ ୧ହଜାର ୮୦୦ କୋଟି ଟଙ୍କାର କୃଷି ଏବଂ ଆନୁସଙ୍ଗୀକ କ୍ଷେତ୍ରରେ ଉନ୍ନତିମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବେ ।

ଶ୍ରୀନଗରଠାରେ ଆସନ୍ତାକାଲି ୧୦ମ ଆନ୍ତର୍ଜାତିକ ଯୋଗ ଦିବସ ପାଳନର ନେତୃତ୍ୱ ନେବେ ଏବଂ ଏକ ଯୋଗ ଅଧିବେଶନରେ ଅଂଶଗ୍ରହଣ କରିବା ସହ ସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

## ନିର୍ମଳା-ପ୍ରି ବଜେଟ୍

ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀ ଠାରେ ଆଜି ଦ୍ୱିତୀୟ ପର୍ଯ୍ୟାୟ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି । ଏଥିସହ ଶିଳ୍ପ ତଥା ଆନୁସଙ୍ଗୀକ କ୍ଷେତ୍ର ଗୁଡ଼ିକର ମୁଖ୍ୟଙ୍କ ସହ ତୃତୀୟ ପର୍ଯ୍ୟାୟ ବୈଠକ ମଧ୍ୟ ଆଜି ଅନୁଷ୍ଠିତ ହୋଇଛି । ଏହି ବୈଠକ ଗୁଡ଼ିକରେ ଆର୍ଥିକ ଏବଂ ପୁଞ୍ଜିବଜାର କ୍ଷେତ୍ରର ବିଶେଷଜ୍ଞଙ୍କ ସମେତ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଅର୍ଥ ସଚିବ, ଅର୍ଥନୈତିକ ବ୍ୟାପାର, ରାଜସ୍ୱ, ଆର୍ଥିକ ସେବା ଓ କର୍ପୋରେଟ୍ ବ୍ୟାପାର ବିଭାଗରେ ସଚିବଗଣ ଏବଂ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଯୋଗ ଦେଇଥିଲେ । ଚଳିତ ବର୍ଷର ଆଗାମୀ ସାଧାରଣ ବଜେଟ୍ ପ୍ରସ୍ତୁତି ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗତକାଲି ପ୍ରଥମ ପର୍ଯ୍ୟାୟ ପ୍ରାକ୍ ବଜେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା ।

## ଏସ୍‌ସି-ନିଟ୍

ନିଟ୍ ୟୁ.ଜି. ୨୦୨୪ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଦେଶର ବିଭିନ୍ନ ହାଇକୋର୍ଟରେ ଆଗତ ମାମଲା ଗୁଡ଼ିକର ଶୁଣାଣି ଉପରେ ସୁପ୍ରିମ୍‌କୋର୍ଟ ଅନ୍ତରିଣ ରହିତାଦେଶ ଜାରି କରିଛନ୍ତି । ବିଚାରପତି ଜଷ୍ଟିସ୍ ବିକ୍ରମନାଥଙ୍କ

ଅବକାଶକାଳୀନ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଜାତୀୟ ପରୀକ୍ଷଣ ସଂସ୍ଥାନ ଏନ୍.ଟି.ଏ. ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଦାଖଲ କରାଯାଇଥିବା ଟ୍ରାନ୍ସଫର ପିଟିସନ୍ ଉପରେ ଶୁଣାଣି କରି ଖଣ୍ଡପୀଠ ସମ୍ପୃକ୍ତ ପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି । ଏ ନେଇ ପୂର୍ବରୁ ସୁପ୍ରିମ୍‌କୋର୍ଟରେ ଆଗତ ମାମଲା ଗୁଡ଼ିକ ସହ ଏହି ଟ୍ରାନ୍ସଫର ପିଟିସନ୍‌ର ଶୁଣାଣି ଆସନ୍ତା ମାସ ୮ ତାରିଖରେ ହେବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ଏହି ପରୀକ୍ଷାରେ ଗ୍ରେସ୍ ମାର୍କ ପ୍ରଦାନ ପ୍ରସଙ୍ଗକୁ ନେଇ ଆଗତ ମାମଲା ଗୁଡ଼ିକର ଶୁଣାଣିକୁ ସୁପ୍ରିମ୍‌କୋର୍ଟ ବନ୍ଦ କରିଦେଇଛନ୍ତି । ଗ୍ରେସ୍ ମାର୍କ ପ୍ରଦାନ କରାଯାଇଥିବା ୧ହଜାର ୫୬୩ ଜଣ ଛାତ୍ରଛାତ୍ରୀଙ୍କ ଠାରୁ ଏନ୍.ଟି.ଏ. ପ୍ରତ୍ୟାହାର କରିନେବା ପରେ କୋର୍ଟ୍ ଏହି ନିଷ୍ପତ୍ତି ନେଇଛନ୍ତି । ସୂଚନା ଯୋଗ୍ୟ ସେହି ପରୀକ୍ଷାର୍ଥୀମାନଙ୍କୁ ଆସନ୍ତା ୨୩ ତାରିଖରେ ହେବାକୁ ଥିବା ପରୀକ୍ଷାରେ ପୁଣିଥରେ ବସିବାକୁ କିମ୍ବା ବାସ୍ତବ ମାର୍କ ଆଧାରରେ କାଉନ୍‌ସେଲିଂରେ ଯୋଗଦେବାକୁ ଏନ୍.ଟି.ଏ. ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା ।

## ମୋଦୀ-ଇଣ୍ଡୋନେସିଆ ରାଷ୍ଟ୍ରପତି

ଇଣ୍ଡୋନେସିଆର ନବନିର୍ବାଚିତ ରାଷ୍ଟ୍ରପତି ପ୍ରାବୋଓ ସୁବିୟାନ୍ତୋଙ୍କ ଠାରୁ ଶୁଭେଚ୍ଛା ବାର୍ତ୍ତା ମିଳିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖୁସିବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ

ରାଷ୍ଟ୍ରପତି ସୁବିୟାନ୍ତୋଙ୍କୁ ତାଙ୍କ ଆଗାମୀ ରାଷ୍ଟ୍ରପତିତ୍ୱ କାର୍ଯ୍ୟକାଳ ନେଇ ସଫଳତା କାମନା କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଶ୍ରୀ ସୁବିୟାନ୍ତୋଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ତଥା ରଣନୈତିକ ଭାଗିଦାରୀକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଆଲୋଚନା ହୋଇଛି ।

## ବୈଠକ

ଦେଶରେ ପର୍ଯ୍ୟାପ୍ତ ପରିମାରଣର ଗହମ ମହଜୁଦ ରହିଛି ବୋଲି ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀ ଠାରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ସମୀକ୍ଷା ସଂକ୍ରାନ୍ତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଗହମର ମୂଲ୍ୟ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଉପଭୋକ୍ତାଙ୍କ ପାଇଁ ମୂଲ୍ୟ ସ୍ଥିରତା ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ନେବା ଉପରେ ବୈଠକରେ ଆଲୋଚନା ହୋଇଥିଲା ।

## ଓଡ଼ିଶା-ସ୍ପିକର୍

ସପ୍ତଦଶ ଓଡ଼ିଶା ବିଧାନସଭାର ନୂତନ ସଦସ୍ୟଙ୍କର ଶପଥ ଏବଂ ବାଚସ୍ପତି ନିର୍ବାଚନ ନେଇ ଅନୁଷ୍ଠିତ ତିନି ଦିନିଆ ବୈଠକ ଆଜି ଶେଷ ହୋଇଛି । ବାଚସ୍ପତି ଭାବେ ଶାସକ ବିଜେପିର ସୁରମା ପାଢ଼ୀ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ସର୍ବସମ୍ମତିକ୍ରମେ ବାଚସ୍ପତି ଭାବେ ନିର୍ବାଚିତ ହେବା ପରେ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ଶ୍ରୀମତୀ ପାଢ଼ୀଙ୍କୁ ବାଚସ୍ପତି ଆସନ ନିକଟକୁ ପାଛୋଟି ନେଇଥିଲେ । ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀମତୀ ପାଢ଼ୀ ଗୃହର ମର୍ଯ୍ୟାଦା ଓ ଗରିମା ରକ୍ଷା କରିବା ପାଇଁ ଯଥାସମ୍ଭବ ପ୍ରୟାସ କରିବେ ବୋଲି କହିଥିଲେ । ଏଥିପାଇଁ ଦଳମତ ନିର୍ବିଶେଷରେ ସେ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି ।

## ପରିବେଶ ମନ୍ତ୍ରଣାଳୟ

ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି, ସବୁଜ ବଳୟ ସୃଷ୍ଟି କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବୃକ୍ଷ ରୋପଣ ଯୋଜନା ବିଶେଷ ଫଳପ୍ରଦ ହୋଇପାରିବ । ଏହା ଅର୍ଥନୀତିକୁ ପ୍ରୋତ୍ସାହନ ସହ ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା ପାଇଁ ଏକ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ହେବ । ଦିଲ୍ଲୀ

ସ୍ଥିତ ଆସୋଲା ଭାଟି ବନ୍ୟପ୍ରାଣୀ ଅଭୟାରଣ୍ୟରେ ଆୟୋଜିତ ଏକ ସମାରୋହରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ଯାଦବ ଏହା କହିଛନ୍ତି । ସେ କହିଛନ୍ତି, ବୈଜ୍ଞାନିକ ପ୍ରଗତି ଏବଂ ପ୍ରକୃତି ମଧ୍ୟରେ ସନ୍ତୁଳନ ରହିବାର ଆବଶ୍ୟକତା ରହିଛି । ଗ୍ଲାସ୍‌ଗୋ ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ପରିବେଶ ଅନୁକୂଳ ଜୀବନଶୈଳୀ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି, ଜଳବାୟୁ ପରିବର୍ତ୍ତନର ଆହ୍ୱାନକୁ ମୁକାବିଲା କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ସୂଚନା ଯୋଗ୍ୟ ଗତ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସମଗ୍ର ଦେଶରେ "ଏକ୍ ପେଡ୍ ମା' କେ ନାମ୍" ଯୋଜନାର ଶୁଭାରମ୍ଭ ହୋଇଥିଲା ।

## ବାଂଲାଦେଶ-ପ୍ରଧାନମନ୍ତ୍ରୀ

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଆସନ୍ତାକାଲି ଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ଏହି ଅବସରରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରି ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ

ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ମଧ୍ୟ ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ହସିନା ଆଲୋଚନା ବୈଠକରେ ଯୋଗଦେବେ । ନୂତନ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ଏହା ହେଉଛି ପଡ଼ୋଶୀ ରାଷ୍ଟ୍ର ଭାବେ ବାଂଲାଦେଶ ପ୍ରଧାନମନ୍ତ୍ରୀଙ୍କର ପ୍ରଥମ ଭାରତ ଗସ୍ତ ।

ସୂଚନା ଯୋଗ୍ୟ ଚଳିତ ମାସ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ମନ୍ତ୍ରୀ ମଣ୍ଡଳର ଶପଥ ଗ୍ରହଣ ସମାରୋହରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ହସିନ ଯୋଗ ଦେଇଥିଲେ ।

## ପ୍ରତିରକ୍ଷା ନିଯୁକ୍ତି ମେଳା

ପୂର୍ବତନ ସେନା କର୍ମଚାରୀଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପ୍ରଦାନ କରିବା ଲକ୍ଷ୍ୟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ବାୟୁସେନା ଘାଟି ହିଣ୍ଡନ ଠାରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଦ୍ୱିତୀୟଥର ପାଇଁ ଏଭଳି ମେଳାର ଆୟୋଜନ କରାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ମେଳାରେ ପ୍ରାୟ ୪୦ଟି ବ୍ୟାବସାୟିକ ସଂସ୍ଥା ଅଂଶଗ୍ରହଣ କରିବେ । ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ପୂର୍ବତନ ସେନା କର୍ମଚାରୀଙ୍କର ପଞ୍ଜିକରଣ କାର୍ଯ୍ୟ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଆର୍‌ବିଆଇ-ଗଭର୍ଣ୍ଣର

ଆର୍ଥିକ ଅନୁଷ୍ଠାନ ଗୁଡ଼ିକରେ କୃତ୍ରିମ ବୁଦ୍ଧିମତା (ଏ.ଆଇ.) ଏବଂ ଏମ୍.ଏଲ୍. ଓ ଡାଟା ଆନାଲିଟିକ୍ସ ଭଳି ଉନ୍ନତ ଜ୍ଞାନକୌଶଳର ଉପଯୋଗ ଉପରେ ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଗୁରୁତ୍ୱାରୋପ କରିଛନ୍ତି । ମୁମ୍ବାଇଠାରେ ରିଜର୍ଭ ବ୍ୟାଙ୍କ୍‌ର କଲେଜ୍ ଅଫ୍ ସୁପରଭାଇଜର୍ସ୍‌ଙ୍କ ଦ୍ୱାରା ଆୟୋଜିତ ଆର୍ଥିକ ସ୍ଥିରତା ଉପରେ ବିଶ୍ୱସ୍ତରୀୟ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣରେ ଯୋଗଦେଇ ଶ୍ରୀ ଦାସ ଏହା କହିଛନ୍ତି । ସେ କହିଛନ୍ତି, ଏ.ଆଇ. ଏବଂ ଏମ୍.ଏଲ୍. ପୂର୍ବାନୁମାନ ବିଶ୍ଳେଷଣକୁ ଅଧିକ କ୍ରିୟାଶୀଳ କରିପାରିବ । ଯାହାଦ୍ୱାରା ବ୍ୟାଙ୍କ୍ ଏବଂ ଅନ୍ୟ ଆର୍ଥିକ ସଂସ୍ଥା ଗୁଡ଼ିକ ସମ୍ଭାବ୍ୟ ସମସ୍ୟାର ଚିହ୍ନଟ ସହ ମୁକାବିଲା କରିବାକୁ ସକ୍ଷମ ହୋଇପାରିବେ । ଶ୍ରୀ ଦାସ କହିଛନ୍ତି, ରିଜର୍ଭ ବ୍ୟାଙ୍କ୍ ଏହି ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଢାଞ୍ଚାଗତ ପରିବର୍ତ୍ତନ ଏବଂ ତଦାରଖକୁ ସୁଦୃଢ଼ କରିବା ନେଇ ପଦକ୍ଷେପ ନେଉଛି ।

## ଇପିଏଫ୍‌ଓ-ମେମ୍ବର୍ସ୍

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଇ.ପି.ଏଫ୍.ଓ.ରେ ଗତ ଏପ୍ରିଲ୍ ମାସରେ ସବୁଠାରୁ ଅଧିକ ୧୮ଲକ୍ଷ ୯୨ ହଜାର ସଦସ୍ୟ ଯୋଡ଼ି ହୋଇଥିଲେ । ସେମାନଙ୍କ ମଧ୍ୟରେ ୮ଲକ୍ଷ ୮୭ ହଜାର ନୂତନ ସଦସ୍ୟ

ଥିବା ଜଣାପଡ଼ିଛି । ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ନିଯୁକ୍ତି ସୁଯୋଗ ବୃଦ୍ଧି ସମେତ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗୁଁ ଏହି ସଦସ୍ୟମାନେ ସଂଶ୍ଲିଷ୍ଟ ହୋଇଥିବା ଜଣାପଡ଼ିଛି । ସେମାନଙ୍କ ମଧ୍ୟରେ ୧୮ରୁ ୨୫ ବର୍ଷ ବୟସ ବର୍ଗର ୫୫ ପ୍ରତିଶତରୁ ଅଧିକ ସଦସ୍ୟ ରହିଛନ୍ତି । ଯୋଡ଼ି ହୋଇଥିବା ନୂତନ ସଦସ୍ୟଙ୍କ ମଧ୍ୟରେ ୨ଲକ୍ଷ ୪୯ ହଜାର ମହିଳା ଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଆଇସିସି କ୍ରିକେଟ୍

ଆଇସିସି ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ର ପ୍ରତିଯୋଗିତାର ସୁପର-୮ ପର୍ଯ୍ୟାୟରେ ଗ୍ରୁପ୍-୧ ର ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ବ୍ରିଜ୍‌ଟାଉନ୍ ଠାରେ ଆଜି ରାତି ୮ଟାରେ ମୁକାବିଲା ହେବ ।

ଅନ୍ୟ ପକ୍ଷରେ ସୁପର୍-୮ ଗ୍ରୁପ୍-୨ ପର୍ଯ୍ୟାୟରେ ଆଜି ଇଂଲଣ୍ଡ ଆୟୋଜକ ୱେଷ୍ଟଇଣ୍ଡିଜ୍‌କୁ ୮ ୱିକେଟ୍‌ରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭର୍‌ରେ ୪ ୱିକେଟ୍ ହରାଇ ୧୮୦ ରନ୍ ସ୍କୋର କରିଥିଲା । ଏହାର ଜବାବରେ ଇଂଲଣ୍ଡ ମାତ୍ର ୧୭ ଓଭର୍ ୩ଟି ବଲ୍‌ରେ ୨ ୱିକେଟ୍ ବିନିମୟରେ ୧୮୧ ରନ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲା । ଫିଲିପ୍ ସ୍ଲଟ୍ ସର୍ବାଧିକ ୮୭ ରନ୍ ସ୍କୋର କରିଥିବା ବେଳେ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଛି ।